# ମହାପ୍ରସାଦର ମହାନତା

ଡ଼କ୍ଟର ଉମେଶ ଚନ୍ଦ୍ର ଚିହ୍ନରା

ଅଧୁନା ଶ୍ରୀଜଗନ୍ନାଥ ମନ୍ଦିର ଖାଲି ଓଡ଼ିଶା ନୁହେଁ, ଭାରତର ବିଭିନ୍ନ ପ୍ରଦେଶର ସହରମାନଙ୍କରେ, ଏପରିକି ସୁଦୂର ବିଦେଶରେ ମଧ୍ୟ ଗଢ଼ି ଉଠିଛି । ବହୁ ସ୍ଥାନରେ ମନ୍ଦିର ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି । ଏହା ନିଃସନ୍ଦେହରେ ଏକ ଶୁଭ ଲକ୍ଷଣ ତଥା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ପାପ କଲୁଷ ପୂର୍ଣ୍ଣ କଳିଯୁଗର ସାଂସାରିକ ଜୀବନ ମଧ୍ୟରୁ କିଛି ସମୟ ଏହିଭଳି ପବିତ୍ର ପୀଠମାନଙ୍କର ଆଧ୍ୟାତ୍ମିକ ବାତାବରଣ ମଧ୍ୟରେ ଅତିବାହିତ କରିବା ଯେକୌଣସି ସମାଜ ପାଇଁ ଆବଶ୍ୟକ ମନେ ହୁଏ । ମାନବବାଦର ପ୍ରତୀକ ସାମ୍ୟ, ମୈତ୍ରୀ, ଶାନ୍ତି, ଅହିଂସା, ଜୀବେଦୟାର ପ୍ରତୀକ ପରଂବ୍ରହ୍ମ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ଓ ତାଙ୍କରି ସାନିଧ୍ୟରେ ମାନବ ସମାଜ ଅହରହ ନିମଜ୍ଜିତ ହୋଇଯାଉ, ଏହା ଅତି ଅନନ୍ଦର ବିଷୟ । ସମଗ୍ର ବିଶ୍ୱ ଜଗନ୍ନାଥ ଚେତନାରେ ଉଦ୍‌ବୁଦ୍ଧ ହୋଇ 'ବସୁଧୈବ କୁଟୁମ୍ବକମ୍' ନୀତି ଅନୁସରଣରେ ବ୍ରତୀ ହେଉ, ଏହାହିଁ ସମସ୍ତେ କାମନା କରନ୍ତି । ଝଡ଼ଝଂଜାମୟ ହିଂସା, ଦ୍ୱେଷ, ସାଂପ୍ରଦାୟିକ ଅସଦ୍‌ଭାବ, ପରଶ୍ରୀକାତରତା ପରିପୂର୍ଣ୍ଣ ଭୌତିକ ବସ୍ତୁବାଦୀ ଜଗତରେ ଏକମାତ୍ର ପ୍ରେରଣାର ଉତ୍ସ ହେଉଛି ଜଗନ୍ନାଥ ସଂସ୍କୃତି । ମାନବ ସମାଜ କ୍ରମଶଃ ଏହି ସତ୍ୟ ବୁଝିବାକୁ ପ୍ରୟାସ କରୁଛି । ଏହାର ଫଳ ସ୍ୱରୂପ ମଣିଷ ଶ୍ରୀଜଗନ୍ନାଥଙ୍କ ମନ୍ଦିରଟିଏ ନିର୍ମାଣ କରି ସହଜରେ ପ୍ରଭୁଙ୍କ ଦର୍ଶନ ଓ ସାନ୍ନିଧ୍ୟ ଲାଭ କରିବାକୁ କୁଣ୍ଠାହୀନ ଆଗ୍ରହ ପ୍ରକାଶ କରୁଅଛି । ତାଙ୍କର ପ୍ରସାଦ ପାଇବା ପାଇଁ ବ୍ୟାକୁଳତା ପ୍ରକାଶ କରୁଅଛି ।

ଶ୍ରୀଜଗନ୍ନାଥଙ୍କ ପ୍ରସାଦକୁ ମହାପ୍ରସାଦ କୁହାଯାଏ । ସେବନ କଲେ ମହାନ୍ ପ୍ରସନ୍ନତା ସଂପାଦନ କରୁଥିବାରୁ ଏହାକୁ ମହାପ୍ରସାଦ କୁହାଯାଏ । ଏହା ସ୍ପର୍ଶଦୋଷ ରହିତ ଓ ସ୍ଥାନ, କାଳ, ଜାତି, ବର୍ଣ୍ଣ ନିର୍ବିଶେଷରେ ଗ୍ରହଣୀୟ । ମନୁଷ୍ୟର ଅଶେଷ କଲ୍ୟାଣ ସାଧନ ସହିତ ଏହା ମହାପାପ ଖଣ୍ଡନକାରୀ । ମହାର୍ଘ ସଂପର୍କୀୟ ହୋଇଥିବାରୁ ଏହାର ଅନ୍ୟ ନାମ ମାହାର୍ଦ୍ଦ । ଏହାର ସେବନ ବ୍ୟତୀତ ଆଘ୍ରାଣରେ ମାନସ ପାପ, ଦର୍ଶନରେ ଦୃଷ୍ଟିଜାତ ପାପ ତଥା ସ୍ପର୍ଶରେ ଶ୍ରବଣଜାତ ପାପ ଓ ମିଥ୍ୟା କଥନଜନିତ ପାପ କ୍ଷୟ ହୁଏ । ମହାପ୍ରସାଦର ଅନ୍ୟ କେତେକ ପର୍ଯ୍ୟାୟବାଚୀ ଶବ୍ଦ ରହିଅଛି, ଯଥା - ନିର୍ମାଲ୍ୟ, କୈବଲ୍ୟ, ଅବଢ଼ା ଓ ମାହାର୍ଦ୍ଦ । ମହାପ୍ରସାଦକୁ ଶୁଖାଇ ଦେଲେ କିମ୍ବା କୁଡୁଆରେ ଲାଗିଥିବା ଅନ୍ନ ଶୁଷ୍କ ହୋଇଗଲେ ନିର୍ମାଲ୍ୟରେ ପରିଣତ ହୁଏ । ହିନ୍ଦୁମାନେ ସ୍ନାନ ପରେ ଦୈନିକ ନିର୍ମାଲ୍ୟ ସେବନ କରି ଆପଣାକୁ କୃତାର୍ଥ ବୋଧ କରନ୍ତି । ଭାବ ସହକାରେ ଅଳ୍ପ ପରିମାଣରେ ଗ୍ରହଣ ଯୋଗ୍ୟ ମହାପ୍ରସାଦକୁ କୈବଲ୍ୟ କୁହାଯାଏ । କୈବଲ୍ୟକୁ ଦୁଇ ଆଙ୍ଗୁଠିରେ କଣିକାଏ ପାଇବାକୁ ହୁଏ । ଅବଢ଼ା ଓ ମହାପ୍ରସାଦ ଏକ ପର୍ଯ୍ୟାୟବାଚୀ ଶବ୍ଦ । ଯାହାକୁ କେହି ବାଢ଼ି କରି ଦିଏ ନାହିଁ ତାହା ଅବଢ଼ା, ଅପଭ୍ରଂଶରେ ଅଭଡ଼ା । ମନ ମୁତାବକ ମୂଳପାତ୍ରରୁ ପେଟପୂରା ଖାଇବାକୁ ମହାପ୍ରସାଦ ସେବା କୁହାଯାଏ । ମହାପ୍ରସାଦ ଖିଆ ଯାଏ ନାହିଁ, ସେବା କରାଯାଏ । ଜୈନ ଧର୍ମର 'କେବଳୀ' ଭାବ ଯେପରି ଏଥିରେ ରୂପାନ୍ତରିତ, ବୌଦ୍ଧମାନଙ୍କର ନିର୍ବାଣ ମଧ୍ୟ 'ଏକୀଭାବ'ରେ ନାମାନ୍ତରିତ । ଏହି ନିର୍ବାଣ ଲାଭ ଓ କୈବଲ୍ୟ ଲାଭ ଶ୍ରୀଜଗନ୍ନାଥଙ୍କ ସହିତ ତାଙ୍କର ପ୍ରସାଦ 'ଅନ୍ନ' ମଧ୍ୟରେ ନିହିତ । ଏଣୁ ଶ୍ରୀଜଗନ୍ନାଥ ଓ ତାଙ୍କର ମହାପ୍ରସାଦ ଅଭିନ୍ନ । ଏଥିପାଇଁ ପ୍ରଭୁଙ୍କ ଠାରୁ ତାଙ୍କର ପ୍ରସାଦକୁ ଭକ୍ତ ଉଚ୍ଚ ସ୍ଥାନ ଦେଇ ଗାଇଛି - **'ଦର୍ଶନ ତେଣିକି ଥାଉ କୈବଲ୍ୟେ ମୁକତ'** । ବୈଷ୍ଣବ ଧର୍ମର ମୁକ୍ତି ମଧ୍ୟ ଏହା ମଧ୍ୟରେ ଲୁକ୍କାୟିତ । ଏଥିପାଇଁ କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ତାଙ୍କ 'କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ' କାବ୍ୟରେ ପ୍ରଭୁଙ୍କ ବନ୍ଦନା କରିବା ଅବସରରେ ଲେଖିଛନ୍ତି -

**ମୁକ୍ତି ଦେବା ଗୁପ୍ତ ହୋଇଅଛି ଯୁକ୍ତାକ୍ଷରେ**
**ବୈଷ୍ଣବ ବିହୁନେ କେହୁ ଜାଣିବ ସଂସାରେ** । (୧ମ ଛାନ୍ଦ)

ମହାପ୍ରସାଦ ଏବଂ ଶ୍ରୀଜଗନ୍ନାଥଙ୍କ ମାହାତ୍ମ୍ୟ ଏକ ଓ ଅଭିନ୍ନ । ଜଗନ୍ନାଥ ଶବ୍ଦ ମଧ୍ୟରେ ଥିବା ଯୁକ୍ତାକ୍ଷର 'ନ୍ନ'ର ସ୍ୱତନ୍ତ୍ର ଉଚ୍ଚାରଣ ହେଉଛି 'ଅନ୍ନ' । ଏହି ଅନ୍ନ ହିଁ ବ୍ରହ୍ମର ସ୍ୱରୂପ । ଅନ୍ନକୁ ଅନ୍ନବ୍ରହ୍ମ କୁହାଯାଏ । ଜଗନ୍ନାଥ ଦାରୁବ୍ରହ୍ମ, ତାଙ୍କର ପ୍ରସାଦ ଅନ୍ନବ୍ରହ୍ମ, ଦାରୁବ୍ରହ୍ମଙ୍କ ଠାରୁ ଅନ୍ନବ୍ରହ୍ମ ଗୁରୁତ୍ୱପୂର୍ଣ୍ଣ । ବ୍ରହ୍ମ ବ୍ୟତିରେକେ ଜୀବ ଶବରେ ପରିଣତ ହୁଏ । ଅନ୍ନ ବ୍ରହ୍ମ ହିଁ ଦାରୁବ୍ରହ୍ମଙ୍କୁ

ଚିହ୍ନାଇବାକୁ ସକ୍ଷମ ହୋଇଥାଏ । ନାମ ମଧ୍ୟରେ ଯେପରି ନାମୀଙ୍କୁ ଜାଣିହୁଏ, ଜୀବନ ରହିଲେ ସେହିପରି ଜୀବ ଦାରୁବ୍ରହ୍ମଙ୍କୁ ସାକ୍ଷାତ କରେ । ଜୀବନ ପାଇଁ ଅନ୍ନବ୍ରହ୍ମ ଅପରିହାର୍ଯ୍ୟ । ଏଥିପାଇଁ ଭାଗବତରେ କୁହାଯାଇଅଛି - **'ଅନ୍ନ ବିହୁନେ ହଂସହାନି, ଯୋଗ ସାଧିବି କାହା ଘେନି ।'** ଅନ୍ନ ହେଉଛି ଜୀବନ ଧାରଣର ପ୍ରଧାନ ଅବଲମ୍ବନ । ହିନ୍ଦୁମାନେ ଭୋଜନ ପୂର୍ବରୁ ଶ୍ରୀମଦ୍ ଭଗବଦ୍ ଗୀତାର ନିମ୍ନ ଶ୍ଳୋକଟିକୁ ଉଚ୍ଚାରଣ କରି ଭୋଜନ ସାମଗ୍ରୀକୁ ବ୍ରହ୍ମାର୍ପିତ କଲାପରେ ଭୋଜନ କରିଥାନ୍ତି -

**ବ୍ରହ୍ମାର୍ପଣଂ ବ୍ରହ୍ମହବିର୍ବ୍ରହ୍ମାଗ୍ନୌ ବ୍ରହ୍ମଣା ହୁତମ୍**
**ବ୍ରହ୍ମୈବ ତେନ ଗନ୍ତବ୍ୟଂ ବ୍ରହ୍ମକର୍ମସମାଧିନା ।** (୪ର୍ଥ.୨୪)

ଅର୍ଥାତ୍-ଯାହାଙ୍କୁ ଅର୍ପଣ କରାଯାଏ ସେ ସ୍ୱୟଂ ବ୍ରହ୍ମ-**ସର୍ବତଃ ପାଣିପାଦଂ ତତ୍** (୧୩.୧୩), ଭୋଜନ ପଦାର୍ଥ ବ୍ରହ୍ମ (ଅନ୍ନବ୍ରହ୍ମ)- **'ଅହମେବାଜ୍ୟମ୍'** (୯.୧୬), ଭୋଜନ କରୁଥିବା ବ୍ୟକ୍ତି ବ୍ରହ୍ମରୂପ- **'ମମୈବାଂଶୋ ଜୀବଲୋକେ'** (୧୫.୭), ଜଠରାଗ୍ନି ମଧ୍ୟ ବ୍ରହ୍ମ ସ୍ୱରୂପ ଅଟେ, 'ଅହଂ ବୈଶ୍ୱାନରଃ ଭୂତ୍ୱା' ୧୫/୧୪, ଭୋଜନ କ୍ରିୟା କରୁଥିବା ଜଠରାଗ୍ନିରେ ଆହୁତି ଦେବା କ୍ରିୟା ମଧ୍ୟ ବ୍ରହ୍ମ- **'ଅହଂ ହୁତମ୍'** (୯.୧୬) । ଏହିପରି ଭାବରେ ଭୋଜନ କରୁଥିବା ବ୍ୟକ୍ତି ବ୍ରହ୍ମ ଉପଲବ୍ଧି କରେ - **'ଯଜ୍ଞଶିଷ୍ଟାମୃତଭୁଜୋ ଯାନ୍ତି ବ୍ରହ୍ମ ସନାତନମ୍'** (୪.୩୧) । ସୁତରାଂ ଅନ୍ନ ଏବଂ ବ୍ରହ୍ମ ଏକ ପର୍ଯ୍ୟାୟବାଚୀ । ଗୀତାରେ ଏହା ମଧ୍ୟ କୁହାଯାଇଅଛି ଯେ -

**ଅନ୍ନାଭବନ୍ତି ଭୂତାନି ପର୍ଜନ୍ୟାଦନ୍ନସମ୍ଭବଃ**
**ଯଜ୍ଞାଭବତି ପର୍ଜନ୍ୟୋ ଯଜ୍ଞକର୍ମସମୁଦ୍ଭବଃ** (୩.୧୪)

ଯେଉଁ ପ୍ରାଣୀର ଯାହା ଖାଦ୍ୟ, ତାହା ସେ ଗ୍ରହଣ କରିବା ଦ୍ୱାରା ଶରୀରର ଉତ୍ପତ୍ତି, ରକ୍ଷଣ ଓ ପୁଷ୍ଟିସାଧନ ହୋଇଥାଏ । ଜରାୟୁଜ (ମନୁଷ୍ୟ, ପଶୁ), ଉଦ୍ଭିଜ୍ଜ (ବୃକ୍ଷାଦି), ଅଣ୍ଡଜ (ପକ୍ଷୀ, ସର୍ପ ଇତ୍ୟାଦି), ସ୍ୱେଦଜ (କୃମି, ଜିଆ ଆଦି) -ଏହି ଚାରି ପ୍ରକାର ପ୍ରାଣୀ ଅନ୍ନରୁ ଉତ୍ପନ୍ନ ହୋଇ ଅନ୍ନଦ୍ୱାରା ବଞ୍ଚି ରହିଥାନ୍ତି । ଅନ୍ନରୁ ଶରୀରରେ ରକ୍ତ, ରକ୍ତରୁ ଶୁକ୍ର ସୃଷ୍ଟି ହୁଏ । ଏହି ଶୁକ୍ର ବା ବ୍ରହ୍ମ ବିନ୍ଦୁ ସୃଷ୍ଟିର କାରଣ ହୋଇଥାଏ । ଅତଏବ ଅନ୍ନବ୍ରହ୍ମ ହିଁ ସୃଷ୍ଟି ପ୍ରକ୍ରିୟାର ମୂଳ କାରଣ ।

ଶ୍ରୀମନ୍ଦିରରେ ବିରାଜିତ ଜଗନ୍ନାଥଙ୍କ ଠାରେ ନୈବେଦ୍ୟ ପ୍ରସାଦକୁ ଅନ୍ନ ମହାପ୍ରସାଦ କୁହାଯାଏ । କିନ୍ତୁ ଅନ୍ୟ ଦେବଦେବୀଙ୍କୁ ନୈବେଦ୍ୟ କରାଯାଉଥିବା ଅନ୍ନ ପ୍ରସାଦକୁ ମହାପ୍ରସାଦ କୁହାଯାଏ ନାହିଁ । ମନ୍ତ୍ର ସଂସ୍କାର କରା ନ ଯାଇ ଦେବତାଙ୍କୁ କେବଳ ନୈବେଦ୍ୟ କରାଗଲେ ତାହା ଭୋଗ ନାମରେ ନାମିତ ହୁଏ । ପୁଣି ପାରଂପରିକ ବୈଦିକ ରୀତିରେ ଆସନ ଠାରୁ ନୈବେଦ୍ୟ ପର୍ଯ୍ୟନ୍ତ ମନ୍ତ୍ର ଉଚ୍ଚାରଣ ଏବଂ ଅନ୍ୟାନ୍ୟ କ୍ରିୟାକ୍ରମ ସଂପାଦନ ପୂର୍ବକ କୌଣସି ପଦାର୍ଥ ଦେବତାଙ୍କୁ ସମର୍ପିତ ହେଲେ ତାହା ପ୍ରସାଦରେ ପରିଣତ ହୁଏ । କିନ୍ତୁ ମହାପ୍ରସାଦ ଏହାଠାରୁ ସଂପୂର୍ଣ୍ଣ ଭିନ୍ନ । ଏହାର ପ୍ରସ୍ତୁତି ତଥା ପାକକ୍ରିୟା ପ୍ରଣାଳୀରେ ବହୁ ରୀତି ନୀତି ଅନୁସୃତ ହୋଇଥାଏ । ଏହି ସ୍ୱତନ୍ତ୍ରତା ପାଇଁ ରନ୍ଧନ ପଦାର୍ଥ ମହାପ୍ରସାଦ ହେବାକୁ ଯୋଗ୍ୟ ବିବେଚିତ ହୋଇଥାଏ । ଷଡ଼ଙ୍ଗ ସଂସ୍କାର ଦ୍ୱାରା ଏହାର ଅନ୍ନତ୍ୱର ବିଲୋପ କରାଯାଇ ବ୍ରହ୍ମତ୍ୱ ଆରୋପ କରାଯାଏ । ଏହି ଷଡ଼ଙ୍ଗ ସଂସ୍କାର ହେଲା - ମହାଲକ୍ଷ୍ମୀଙ୍କ ଦ୍ୱାରା ବୈଷ୍ଣବାଗ୍ନିରେ ପାଚନ କ୍ରିୟା ସଂପାଦନ, ଶ୍ରୀଯନ୍ତ୍ର ରୂପକ ଠାଆ ମୁରୁଜରେ ନୈବେଦ୍ୟ ନିମନ୍ତେ ସ୍ୱର୍ଣ୍ଣପାତ୍ରରେ (ବର୍ତ୍ତମାନ ପିତ୍ତଳ ପାତ୍ର ବ୍ୟବହୃତ ହେଉଛି) ପରିବେଷଣ, ମନ୍ତ୍ରରାଜ ଦ୍ୱାଦଶାକ୍ଷର ନୃସିଂହ ତାପନୀୟ ପାତାଳ ନୃସିଂହ ମନ୍ତ୍ରରେ ପ୍ରୋକ୍ଷଣ, ଗୋବିନ୍ଦ ଅଷ୍ଟଦଶାକ୍ଷରୀ ଗୋପାଳ ମନ୍ତ୍ରରେ (କ୍ଳୀଂ କୃଷ୍ଣାୟ ଗୋବିନ୍ଦାୟ ଗୋପୀଜନବଲ୍ଲଭାୟ ସ୍ୱାହା) ନିବେଦନ, ଭୈରବ ଚକ୍ରର ଉଚ୍ଛିଷ୍ଟ ଭୈରବୀ ବିମଳାଙ୍କୁ ସମର୍ପଣ ଓ ଅଷ୍ଟ ସାତ୍ତ୍ୱିକ ବୈଷ୍ଣବ (ବିଶ୍ୱକ୍ସେନ, ଶୁକ, ପ୍ରହ୍ଲାଦ, ହନୁମାନ, ନାରଦ, ବୈନତେୟ ଦେବଳ ଓ ଇନ୍ଦ୍ରଦ୍ୟୁମ୍ନ)ଙ୍କୁ ଅବଶେଷ ଅନ୍ନବଳି ପ୍ରଦାନ । ଉପରୋକ୍ତ ଛଅଗୋଟି ବିଧିକୁ ଷଡ଼ଙ୍ଗ ସଂସ୍କାର କୁହାଯାଏ । ଶ୍ରୀମନ୍ଦିରର ରନ୍ଧନ କାର୍ଯ୍ୟରେ ତାନ୍ତ୍ରିକ ପରଂପରାର ପ୍ରଭାବ ରହିଅଛି । ଦୈନିକ ରନ୍ଧନ ପୂର୍ବରୁ ବୈଷ୍ଣବାଗ୍ନି ସଂସ୍କାର କରାଯାଏ । ଏହି ବୈଷ୍ଣବାଗ୍ନି ସଂସ୍କାର ନବଚକ୍ର ଯନ୍ତ୍ର ଉପରେ ହୋଇଥାଏ । ରୋଷଘର ଚୂଲିର ଛଅ ଗୋଟି ଝିଙ୍କା ଥାଏ । ଏହି ଛଅ ଗୋଟି ଝିଙ୍କା ହେଉଛି ଷଟ୍‌କୋଣାତ୍ମକ ଅଗ୍ନିଯନ୍ତ୍ର । ଏଥିରେ ଥରକରେ ନଅଗୋଟି ହାଣ୍ଡି ବସେ । ଏହି 'ନଅ' ହେଉଛି ମହାପ୍ରସାଦର ମହତ୍ତ୍ୱ । ଶାରଦାତିଳକ ଗ୍ରନ୍ଥରେ ଉଲ୍ଲେଖ ଅଛି - **'ମହତ୍ତ୍ୱଂ ନବଗୁଣିତମ୍'**, ଅର୍ଥାତ୍ ନଅ ବା ନଅର ଗୁଣିତକ ହେଉଛି ମହାପ୍ରସାଦର ଗୌରବ । ଏହି ପ୍ରକ୍ରିୟାରେ ପ୍ରସ୍ତୁତ ଅନ୍ନରେ ବ୍ରହ୍ମତ୍ୱ ଆରୋପିତ ହୋଇଥାଏ ।

ଅନ୍ନ ପ୍ରସାଦର ଷଡ଼ଙ୍ଗ ସଂସ୍କାର ଅନୁଷ୍ଠିତ ହୋଇ ତାହା ମହାପ୍ରସାଦରେ ରୂପାନ୍ତରିତ ହୋଇଥାଏ । ଷଡ଼ଙ୍ଗ ସଂସ୍କାର ପୂର୍ବରୁ ଦୈନିକ ନୀତିରେ ସାହାଣମେଲା ଓ ବେଶଲାଗି ହେଲା

ପରେ ରୋଷ ହୋମ ଅନୁଷ୍ଠିତ ହୁଏ । ଏହାପରେ ଚୁଲିରେ ବୈଷ୍ଣବାଗ୍ନି ସଂଯୋଗ କରାଯାଏ । ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଇଁ ସ୍ୱୟଂ ମହାଲକ୍ଷ୍ମୀ ଏହି ରନ୍ଧନ କାର୍ଯ୍ୟ କରିଥାନ୍ତି । ରୁଦ୍ର ଯାମଳରେ ଉଲ୍ଲେଖ ଅଛି -

**ଯଦନ୍ନଂ ପାଚୟେଲ୍ଲକ୍ଷ୍ମୀର୍ହରୟେ ପରିବେଷଣମ୍**
**ତଦୁଚ୍ଛିଷ୍ଟଂ ହରେର୍ଭୁକ୍ତ୍ୱା କଃ ସଂସରତି ପାର୍ବତି ।**

ମା' ମହାଲକ୍ଷ୍ମୀଙ୍କ ସ୍ୱହସ୍ତ ପ୍ରସ୍ତୁତ ପ୍ରସାଦ ବିଷ୍ଣୁ ଭୋଜନ କରନ୍ତି -**'ତତ୍ରାନ୍ନପାଚିକା ଲକ୍ଷ୍ମୀଃ ସ୍ୱୟଂ ଭୋକ୍ତା ଜନାର୍ଦ୍ଦନଃ** (ପଦ୍ମପୁରାଣ) । ଦାରୁବ୍ରହ୍ମଙ୍କୁ ଷଡ଼ଜ ସଂସ୍କାର ପୂର୍ବକ ନୈବେଦ୍ୟ ପରେ କ୍ଷେତ୍ରାଧିଶରୀ ମା' ବିମଳାଙ୍କୁ ପ୍ରସାଦ ସମର୍ପଣ କରାଯାଇ ମହାପ୍ରସାଦରେ ପରିଣତ ହେଉଥିବାରୁ ଏହାକୁ 'ମାଆ ପ୍ରସାଦ' ମଧ୍ୟ କୁହାଯାଏ । ଉକ୍ତ ମହାପ୍ରସାଦ ବିମଳାଙ୍କୁ ସମର୍ପଣ କରାଯିବା ସଂପର୍କରେ ଏକ ଚମତ୍କାର କିମ୍ବଦନ୍ତୀ ରହିଅଛି । 'ଏକଦା ବୃନ୍ଦାବନ ଧାମରେ ଶ୍ରୀରାଧାଙ୍କ ସ୍ୱହସ୍ତପ୍ରସ୍ତୁତ ପ୍ରସାଦକୁ ପରମ ପ୍ରେମମୟ ଶ୍ରୀକୃଷ୍ଣ ସେବନ କରୁଥିବା ସମୟରେ ନାରଦ ସେଠାରେ ପହଞ୍ଚିଲେ । ନାରଦ ଶ୍ରୀକୃଷ୍ଣଙ୍କର ସେହି ଅଧରାମୃତ ଉଚ୍ଛିଷ୍ଟ ପାଇବା ପାଇଁ ଇଚ୍ଛା ପ୍ରକାଶ କରନ୍ତେ ପରମ ପ୍ରେମମୟୀ ଶ୍ରୀରାଧା ନାରଦଙ୍କୁ ଉଚ୍ଛିଷ୍ଟାଂଶରୁ କିଛି ପ୍ରଦାନ କରିଥିଲେ । ନାରଦ ତାହା ସେବନ କରିବା ସମୟରେ ତାଙ୍କର ଅଜ୍ଞାତରେ ଶ୍ମଶ୍ରୁରେ ଉଚ୍ଛିଷ୍ଟାନ୍ନର ଗୋଟିଏ କଣିକା ଲାଗି ରହିଥିଲା । ଏହାପରେ ନାରଦ କୈଳାସପୁରକୁ ଶିବଙ୍କୁ ଦର୍ଶନ କରିବାକୁ ଗଲେ । କୈଳାସ ପତି ମହାଦେବ ନାରଦଙ୍କ ସହ କଥୋପକଥନ ସମୟରେ ନାରଦଙ୍କ ଶ୍ମଶ୍ରୁରେ ଲାଗିଥିବା ପ୍ରସାଦ କଣିକା ସଂପର୍କରେ ଜିଜ୍ଞାସା କଲେ । ନାରଦ ବୃନ୍ଦାବନ ଧାମକୁ ଯାଇଥିବା କଥା କହିବା ସଂଗେ ସଂଗେ ଶ୍ରୀକୃଷ୍ଣଙ୍କର ଅଧରାମୃତ ସେବନ କରିବା କଥା କହିଲେ । ଶିବ ସଂଗେ ସଂଗେ ସେହି ପ୍ରସାଦ କଣିକା ନାରଦଙ୍କ ଦାଢ଼ିରୁ ଆଣି ସେବନ କରୁଥିବା ସମୟରେ ପାର୍ବତୀ ପହଞ୍ଚିଗଲେ । ପ୍ରଭୁ ଶ୍ରୀକୃଷ୍ଣଙ୍କ ପ୍ରସାଦ କଣିକାଏ ପାଇବାରୁ ବଞ୍ଚିତ ହୋଇ ଅଭିମାନରେ ଧ୍ୟାନରେ ବସି ରହିଲେ । ଶ୍ରୀକୃଷ୍ଣ ପାର୍ବତୀଙ୍କ ଧ୍ୟାନରେ ପ୍ରସନ୍ନ ହୋଇ କଳି ଯୁଗରେ ଶ୍ରୀପୁରୁଷୋତ୍ତମ କ୍ଷେତ୍ରରେ ମା' ବିମଳା ରୂପରେ ଅଧିଷ୍ଠିତ ହୋଇ ସର୍ବଦା ତାଙ୍କରି ପ୍ରସାଦ ଗ୍ରହଣ କରିବାକୁ ଆଶୀର୍ବାଦ କରିଥିଲେ । ସେଥିପାଇଁ ନୈବେଦ୍ୟ ପରେ ପ୍ରଭୁଙ୍କ ନୈବେଦ୍ୟ ପ୍ରସାଦ ମା' ବିମଳାଙ୍କୁ ସମର୍ପିତ ହୋଇ ସାରିଲା ପରେ ମହାପ୍ରସାଦରେ ପରିଣତ ହୋଇଥାଏ । ଭୈରବୀ ଚକ୍ରରେ ପ୍ରଦତ୍ତ ହେଉଥିବାରୁ ଏହାକୁ ସେବନ କରିବାରେ ଜାତିଗତ ବିଧି ନିଷେଧ ରହି ନ ଥାଏ । କୁଳାର୍ଣ୍ଣବ ତନ୍ତ୍ରରେ ଏଥିପାଇଁ କୁହା ଯାଇଅଛି ଯେ -

**ପ୍ରବୃତ୍ତେ ଭୈରବୀ ଚକ୍ରେ ସର୍ବେ ବର୍ଣ୍ଣାଃ ଦ୍ୱିଜାତୟଃ**
**ନିବୃତ୍ତେ ଭୈରବୀ ଚକ୍ରେ ସର୍ବେ ବର୍ଣ୍ଣାଃ ପୃଥକ୍ ପୃଥକ୍**

ଏହି ପବିତ୍ର ତଥା ଦୁର୍ଲଭ ପ୍ରସାଦ ଯେ କୌଣସି ଦ୍ରବ୍ୟ ସଂସ୍ପର୍ଶରେ ଆସିଲେ, ତାହା ମଧ୍ୟ ମହାପ୍ରାଦରେ ପରିଣତ ହୋଇଯାଏ । ଏହାକୁ ସେବା କରିବାର ବିଧି ମଧ୍ୟ ରହିଅଛି । ପବିତ୍ର ତଥା ନିର୍ମଳ ମନରେ ଆତ୍ମାଭିମାନ ନ ରଖି ଅକୁଣ୍ଠିତ ଭାବରେ ପରମ ଶ୍ରଦ୍ଧାର ସହିତ ଏହାକୁ ଗ୍ରହଣ କରା ଯାଇଥାଏ । ଉଚ୍ଛିଷ୍ଟ ଭାବି ଏହାକୁ ଅବମାନନା କରିବା ବା ନଷ୍ଟ କରିବା ପାପ । କୌଣସି ଆସନ, ବିଛଣା କିମ୍ବା ଉଚ୍ଚ ସ୍ଥାନରେ ବସି ମହାପ୍ରସାଦକୁ ନିମ୍ନତର ସ୍ଥାନରେ ରଖି ସେବନ କରିବା ଶାସ୍ତ୍ର ଗର୍ହିତ । ସେବନ କରି ସାରି ପାଣିରେ କୁଳୁକୁଞ୍ଚା କରିବା ନିଷେଧ । ଇତସ୍ତତଃ ଅପବିତ୍ର, ଅପରିଷ୍କାର ସ୍ଥାନରେ ହସ୍ତ ପ୍ରକ୍ଷାଳନ ନ କରି ମୁଣ୍ଡରେ ବୋଳି ଦେବା କିମ୍ବା କୌଣସି ଛୋଟ ବୃକ୍ଷ ଉପରେ ପ୍ରକ୍ଷାଳନ କରିବା ବିଧେୟ । ପବିତ୍ର, ଅପବିତ୍ର, ଶୌଚ, ଅଶୌଚର ତଥା ସ୍ଥାନ, କାଳ, ପାତ୍ରର ଭେଦ ବର୍ଜନୀୟ । ଅପବିତ୍ର ସ୍ଥାନରେ ରହିଥିଲେ ହେଁ ଏହା ସେ ସ୍ଥାନକୁ ପବିତ୍ର କରାଇଥାଏ । ସ୍କନ୍ଦ ପୁରାଣରେ ଉଲ୍ଲେଖ ଅଛି-

**ବେଶ୍ୟାଳୟଗତଂ ତଦ୍ଧି ନିର୍ମାଲ୍ୟଂ ପତିତାଦୟଃ**
**ସ୍ପୃଶନ୍ତ୍ୟନ୍ନଂ ନ ଦୃଷ୍ଟଂ ତଦ୍ ଯଥା ବିଷ୍ଣୁସ୍ତଥୈବ ତତ ।**

ବର୍ତ୍ତମାନ ଶ୍ରୀକ୍ଷେତ୍ର ବ୍ୟତିରେକ ଅନ୍ୟତ୍ର ପ୍ରତିଷ୍ଠିତ ଜଗନ୍ନାଥ ମନ୍ଦିରମାନଙ୍କରେ ଅନ୍ନପ୍ରସାଦ ରନ୍ଧନ କରାଯାଇ ମହାପ୍ରସାଦ ଆଖ୍ୟା ଦିଆଯାଇ ବିକ୍ରୟ କରାଯାଉଅଛି । କିନ୍ତୁ ଶ୍ରୀପୁରୁଷୋତ୍ତମ କ୍ଷେତ୍ର ବ୍ୟତିରେକ ଅନ୍ୟ ଯେଉଁଠାରେ ଅନ୍ନ ପ୍ରସାଦ ପ୍ରଭୁଙ୍କୁ ନୈବେଦ୍ୟ କରାଯାଉଛି, ତାହାକୁ ମହାପ୍ରସାଦ କୁହାଯିବା ଅମୂଳକ । ତାହା କେବଳ ପ୍ରସାଦ ପଦବାଚ୍ୟ । କାରଣ ପୁରୀ ଭିନ୍ନ ଅନ୍ୟ କୌଣସି ଜଗନ୍ନାଥଙ୍କ ପୀଠରେ ମହାପ୍ରସାଦ ପ୍ରସ୍ତୁତ ହୋଇ ପାରିବ ନାହିଁ । ଏହାକୁ ଅନ୍ନ ଭୋଗ ବା ଅନ୍ନପ୍ରସାଦ କହିବା ସମୀଚୀନ । ଶ୍ରୀମନ୍ଦିର ଅଦ୍ୱିତୀୟ ଓ ଅନନ୍ୟ । ଅନ୍ୟ କୌଣସି ମନ୍ଦିର ଶ୍ରୀମନ୍ଦିର ହୋଇ ନ ପାରେ । ଏଣୁ ଅନ୍ୟତ୍ର ଜଗନ୍ନାଥ ମନ୍ଦିରରେ ପ୍ରସ୍ତୁତ କରାଯାଉଥିବା ଅନ୍ନ ଭୋଗକୁ କେବଳ ଅନ୍ନ ଭୋଗ ବା ଅନ୍ନ ପ୍ରସାଦ କହିବା ହିଁ ଶ୍ରେୟସ୍କର । ତାହାକୁ ମହାପ୍ରସାଦ କହିବା ଅଶାସ୍ତ୍ରୀୟ । ଭାକ୍ତିକତାର ଦ୍ୱାହି ଦେଇ ମହାପ୍ରସାଦ ଜ୍ଞାନରେ ତାହା ସେବନ କରାଯାଇପାରେ, କିନ୍ତୁ ତାହାକୁ କସ୍ମିନ୍ କାଳେ ମହାପ୍ରସାଦ

କୁହାଯାଇ ପାରିବ ନାହିଁ । ତାହା କେବେ ହେଲେ ନିର୍ମାଲ୍ୟ ମାହାର୍ଦ୍ଧ ବା କୈବଲ୍ୟ ହୋଇ ପାରିବ ନାହିଁ । ଏହା ହିଁ ମହାପ୍ରସାଦର ଅନନ୍ୟ ମହତ୍ତ୍ୱ । ଭକ୍ତମାନେ ଏହି ମହାପ୍ରସାଦ ସେବନ ଦ୍ୱାରା ଶ୍ରୀଜଗନ୍ନାଥଙ୍କର ସ୍ୱୟଂ ସାନ୍ନିଧ ଲାଭ କରିଥାନ୍ତି ବୋଲି କପିଳ ସଂହିତାରେ ଉଲ୍ଲେଖ ଅଛି -

**ଜଗନ୍ନାଥୋ ଯଥା ସାକ୍ଷାତ୍ ଦର୍ଶନାନ୍ମୁକ୍ତିଦୋ ଧ୍ରୁବଂ**
**ତଥୈବ ମୁକ୍ତିଦଂ ହ୍ୟନ୍ନଂ ଜଗନ୍ନାଥସ୍ୟ ଭୋ ଦ୍ୱିଜାଃ**

ପୁଣି ମଧ -**ସତ୍ୟଂ ସତ୍ୟଂ ପୁନଃ ସତ୍ୟଂ ସତ୍ୟମେବ ସୁନିଶ୍ଚିତଂ**
**ଭକ୍ତ୍ୟା ସମାନ୍ନଂ ଭୁକ୍ତ୍ୱା ତୁ ସାନ୍ନିଧ୍ୟଂ ମମ ଗଚ୍ଛତି ।**

- ଚତୁର୍ବର୍ଗ ଯୋଗେଶ୍ୱର

ଜଗନ୍ନାଥଙ୍କୁ ଗାଳି ଦିଆ ଯାଇପାରେ, ନିନ୍ଦା କରା ଯାଇପାରେ, କିନ୍ତୁ ମହାପ୍ରସାଦକୁ ନୁହେଁ । ଏହି ମହାପ୍ରସାଦ ମୁଖ୍ୟତଃ ଦୁଇ ପ୍ରକାର । ଅନ୍ନ, ଡ଼ାଲି, ବେସର, ଶାଗ, ପିତା, ଖଟା ଆଦିକୁ ସଂଖୁଡ଼ି ମହାପ୍ରସାଦ ଓ ଗଜା, ଖଜା, ଝିଲ୍ଲି, ଖୁରୁମା, ଆରିସା, ପାରିଜାତକ, କାକରା, ଲଡୁ, ଝଡ଼େଇନଦା ଓ ବିଭିନ୍ନ ପିଷ୍ଟକାଦି ଭୋଗକୁ ନିସଂଖୁଡ଼ି (ଶୁଖିଲା) ମହାପ୍ରସାଦ କୁହାଯାଏ । ଏହି ମହାପ୍ରସାଦ ଶ୍ରୀମନ୍ଦିର ବାହାର ବେଢ଼ା ମଧସ୍ଥ ଆନନ୍ଦ ବଜାରରୁ ମିଳିଥାଏ । ଆନନ୍ଦ ବଜାର କେବଳ ମହାପ୍ରସାଦ ମିଳୁଥିବା ସ୍ଥାନକୁ କୁହାଯାଏ । ଅନ୍ୟ କେଉଁ ମନ୍ଦିରରେ ସଂଖୁଡ଼ି ବା ନିସଂଖୁଡ଼ି ଭୋଗ ବିକ୍ରୟ ହେଉଥିବା ସ୍ଥାନକୁ ଅନନ୍ଦ ବଜାର ନାମକରଣ କରିବା ଅନୁଚିତ । ଅନ୍ନବ୍ରହ୍ମର ଉପସ୍ଥିତି ହିଁ ଆନନ୍ଦର କ୍ଷେତ୍ର । ତାହା ହିଁ ଆନନ୍ଦର ଖଳା ହେବାକୁ ଉପଯୁକ୍ତ । ଅନ୍ୟତ୍ର ଏହା କଦାପି ସମ୍ଭବ ନୁହେଁ । କାରଣ ସେଠାରେ ମିଳୁଥିବା ଅନ୍ନ ଭୋଗ କେବଳ ଅନ୍ନ ପ୍ରସାଦ, ତାହା ମହାପ୍ରସାଦ ନୁହେଁ । ସାଧାରଣତଃ ଭକ୍ତ ସବୁ ଦେବ ଦେବୀ ମନ୍ଦିରକୁ ଅମୁଣିହା ଭୋଗ ନେଇ ପୂଜକଙ୍କ ଦ୍ୱାରା ନୈବେଦ୍ୟ ଅର୍ପଣ କରିଥାନ୍ତି, କିନ୍ତୁ ଶ୍ରୀମନ୍ଦିର ମଧରେ ସମସ୍ତ ପଦାର୍ଥ ନୈବେଦ୍ୟ ହୋଇ ସାରିବା ପରେ ଯାଇ ମିଳିଥାଏ । ଏହାର ଏକମାତ୍ର କାରଣ, ସମସ୍ତ ନୈବେଦ୍ୟ ପଦାର୍ଥ ମହାପ୍ରସାଦ ହୁଏ । ମହାପ୍ରସାଦରେ ପରିଣତ ହେବା ପୂର୍ବରୁ ଯେଉଁ ପ୍ରକ୍ରିୟା ଅବଲମ୍ବନ କରାଯାଏ, ପୃଥିବୀରେ ଅନ୍ୟ କୌଣସି ଦେବ ଦେବୀ ମନ୍ଦିରର ନୈବେଦ୍ୟ ଦ୍ରବ୍ୟରେ ଏହି ପ୍ରକ୍ରିୟା ଅନୁସୃତ ହୁଏ ନାହିଁ । ସେଥିପାଇଁ ମହାପ୍ରସାଦ ସବୁ ପାପ ହରଣକାରୀ -

**ଅତିପାତକପାପାନି ମହାପାପାନି ଯାନି ଚ**
**ତାନି ସର୍ବାଣି ନଶ୍ୟନ୍ତି ଜଗନ୍ନାଥାନ୍ନଭକ୍ଷଣାତ୍**

ଆବ୍ରାହ୍ମଣ ଚଣ୍ଡାଳ ସମସ୍ତେ ଏକତ୍ର ମହାପ୍ରସାଦ ଭୋଜନ କରିଥାନ୍ତି-

**ଚାଣ୍ଡାଳାଦିଜନସ୍ପୃଷ୍ଟଂ ତଦନ୍ନଂ ଚ ନୃପୋତ୍ତମ**
**ଭୋକ୍ତବ୍ୟଂ ସହସା ବିପ୍ରୈଃ ପାବନଂ ସୁରଦୁର୍ଲ୍ଲଭମ୍**

ଏହି ମହାପ୍ରସାଦକୁ ପାଇବା ପାଇଁ ତେତ୍ରିଶ କୋଟି ଦେବ ଦେବୀ ଅପେକ୍ଷା କରିଥାନ୍ତି । ଏଣୁ ଭାରତରେ ପ୍ରସିଦ୍ଧ ଚାରିଧାମ ମଧରୁ ଶ୍ରୀକ୍ଷେତ୍ରକୁ ଉଚ୍ଛିଷ୍ଟ ଧାମ ବୋଲି କୁହାଯାଇଥାଏ ।

**ରସନା ଉତ୍କ୍ରେଦେଶେ ଚ ବିମଳା ପୁରୁଷୋତ୍ତମେ**
**ତଦୁଚ୍ଛିଷ୍ଟମହାପୀଠେ ଜଗନ୍ନାଥାଖ୍ୟଭୈରବ**

ଉଡ଼ଡ଼ୀଶତନ୍ତ୍ର, ତୃତୀୟ ସ୍ତବକ

ଜଗନ୍ନାଥଙ୍କ ଛଡ଼ାମାଳ ଓ ମହାପ୍ରସାଦ ଦେବଦେବୀଙ୍କୁ ମଧ ଲାଗି ହୋଇଥାଏ । ଏପରିକି ମହାପ୍ରସାଦରୁ କିଛି ସେବା କରି ସାରି ଅବଶିଷ୍ଟାଂଶକୁ ଦେବଦେବୀଙ୍କୁ ସମର୍ପଣ କରିବାରେ ମଧ କୌଣସି ବାରଣ ନ ଥାଏ । ପଶୁପକ୍ଷୀ ତଥା ଇତର ପ୍ରାଣୀ ଭକ୍ଷଣ କରିଥିଲେ ମଧ ବିନା ସଂକୋଚରେ ସେହି ପାତ୍ରରୁ ମହାପ୍ରସାଦ ଅତି ଆନନ୍ଦରେ ଗ୍ରହଣ କରିବା ଦୋଷାବହ ନୁହେଁ ।

**ଶୁନୋ ମୁଖେଭ୍ୟୋଽପି ଚ କାକତୁଣ୍ଡାତ୍**
**ବିଡ଼ାଳବକ୍ତ୍ରାତ୍ ବପତି ଯଦନ୍ନୋ ।**
**ସ୍ୱର୍ଗଂ ପରିତ୍ୟଜ୍ୟ ସମସ୍ତଦେବା**
**ଭ୍ରମନ୍ତି ଭୂମୌ ପୁରୁଷୋତ୍ତମାଖ୍ୟେ ।**

ମହାପ୍ରସାଦ ଯେଉଁଠି, ଯେଉଁପରି, ଯେଉଁ ଅବସ୍ଥାରେ ଥିଲେ ମଧ ତାହା ପବିତ୍ର । ପାଇଲା ମାତ୍ରେ ସ୍ଥାନ, କାଳ, ପାତ୍ର ବିଚାର ନ କରି ସେବନ କରିବା ଉଚିତ୍ । ବ୍ରହ୍ମ ସାଧନ କଳ୍ପାନୁସାରେ-

**ଭକ୍ଷାଭକ୍ଷବିଚାରୋତ୍ର ତ୍ୟାଜ୍ୟୋଽଗ୍ରାହ୍ୟୋ ନ ବିଦ୍ୟତେ**
**ନ କାଳଶୁଦ୍ଧିନିୟମୋ ନ ବା ସ୍ଥାନନିରୂପଣମ୍**
**ବ୍ରହ୍ମାର୍ପିତଂ ତୁ ନୈବେଦ୍ୟଂ ପାବନଂ ପରମଂ ପରମ୍**
**ପ୍ରାପ୍ତିମାତ୍ରେଣ ଭୋକ୍ତବ୍ୟଂ ନାତ୍ର କାର୍ଯ୍ୟା ବିଚାରଣା ।**

ଏହି ସବୁ ଦୃଷ୍ଟିରୁ ବିଚାର କଲେ ମହାପ୍ରସାଦ ସମଗ୍ର ହିନ୍ଦୁ ଜାତିର ପରମ ଆରାଧ । ଯୁଗ ଯୁଗ ଧରି କୋଟି କୋଟି ଜଗନ୍ନାଥପ୍ରେମୀ ଭକ୍ତ ଏହାକୁ ସେବନ କରି ନିଜକୁ କୃତାର୍ଥ ମନେ କରି ଆସୁଛନ୍ତି । ଓଡ଼ିଆଜାତିର ପ୍ରାଣପ୍ରବାହରେ ମହାପ୍ରସାଦର ଆଧାତ୍ମିକ ପ୍ରଭାବକୁ କେବେ ହେଲେ ଅସ୍ୱୀକାର କରି ହେବନାହିଁ ।

ପ୍ରାଧ୍ୟାପକ,
ସାମନ୍ତ ଚନ୍ଦ୍ର ଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟ,
ପୁରୀ